RESEARCH ARTICLE

INDIAN JOURNAL OF
MULTILINGUAL RESEARCH AND DEVELOPMENT

DOI: 10.54392/ijmrd2224

# Phakirmohan's Short Stories: A Study in the context of renaissance

# ସାମାଜିକ ପୁନର୍ଜାଗରଣ ପରିପ୍ରେକ୍ଷୀରେ ଫକୀରମୋହନଙ୍କ କ୍ଷୁଦ୍ରଗଳ୍ପ: ଏକ ଆଲୋଚନା

**Sanjaya Kumar Bag** [a,*]

[a] Eastern Regional Language Centre, Bhubaneswar, Odisha, India
*Corresponding author Email: sanjayakumarbag@gmail.com

DOI: https://doi.org/10.54392/ijmrd2224
Received: 13-05-2022; Revised: 20-06-2022; Accepted: 24-06-2022; Published: 26-06-2022

**Abstract:** Phakirmohan was one of the pioneer authors of early Odia literature. He established the first printing press in Odisha. Though he started writing at a later age, his novels are masterpieces. His story 'Rebati' is the first written short story in Odia literature. He has written only twenty stories. His stories are nothing other than the socio-cultural picture of that time. When Phakirmohan started writing stories about the period of renaissance in India and Odisha, his stories were important in this context. In his stories, he has vividly discussed the dowry, children's education, the feudatory system, earning wealth by dishonesty, different socio-cultural beliefs of that period, the character, and behaviours of newly educated people, etc., and takes the role of the social reformer. In this paper, I attempted to explore his role as a social reformer throughout the renaissance period and how he successfully depicted that in his works.

**Keywords:** Phakirmohan's short stories, Renaissance, Girl child education, Socio-cultural picture of the early ninetieth century in Odisha, Authorial intention

**Subject Specialization:** Odia

---

ଫକୀରମୋହନ ଓଡ଼ିଆ ସାହିତ୍ୟରେ ବ୍ୟାସ କବି, ସରସ୍ୱତୀ, ଓଡ଼ିଶାର ଟମାସ ହାର୍ଡ଼ି, କବିଶେଖର ଭାବରେ ପରିଚିତ (ମାନସିଂହ ୨୦୧୧,୨୧୭)[1] । ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାରମ୍ଭିକକାଳର ଅଗ୍ରଦୂତ । ଫକୀରମୋହନଙ୍କ *ରେବତୀ* ଗଳ୍ପକୁ ଓଡ଼ିଆ ସାହିତ୍ୟରେ ପ୍ରଥମ ଆଧୁନିକ କ୍ଷୁଦ୍ରଗଳ୍ପ[2] ଭାବରେ ଗ୍ରହଣ କରାଯାଏ ଯଦିଓ ତା ପୂର୍ବରୁ *ଇଟାଲୀୟ ଯୁବା, ଚନ୍ଦ୍ରତାରା, ପ୍ରଣୟର ଅଦ୍ଭୁତ ପରିଣାମ, ଓଡ଼ିୟାବୀର, ହେମମାଳା, ଈଶ୍ୱର ମଙ୍ଗଳମୟ,* ଓ *ବାରମୁଖୀ* ପ୍ରଭୃତି ଗଳ୍ପ ପ୍ରକାଶ ପାଇଥିଲା । ସେହିପରି, ଫକୀରମୋହନଙ୍କ ପୂର୍ବରୁ ଯଦିଓ *ପଦ୍ମମାଳୀ, ବିବାସିନୀ* ଆଦି ଉପନ୍ୟାସ ଓଡ଼ିଆ ସାହିତ୍ୟରେ ଲେଖାଯାଇଥିଲା ତେବେ ତାଙ୍କ *ଲଛମା* (୧୯୦୧), *ଛମାଣ ଆଠଗୁଣ୍ଠ* (୧୯୦୨), *ମାମୁଁ* (୧୯୧୩), ଓ *ପ୍ରାୟଶ୍ଚିତ*(୧୯୧୫) ବିଷୟ, ଉପସ୍ଥାପନା ଓ ଆଖ୍ୟାନକଳା ଦୃଷ୍ଟିରୁ ଉଲ୍ଲେଖନୀୟ ଓ ଅଗ୍ରଗଣ୍ୟ ମନେହୁଏ ।

ଫକୀରମୋହନଙ୍କ ସମୟ ଓଡ଼ିଆ ସାହିତ୍ୟ ପାଇଁ ନବଜାଗରଣର ସମୟ । ବ୍ରିଟିଶଙ୍କ ପ୍ରୟାସରେ ଆନୁଷ୍ଠାନିକ ଶିକ୍ଷା ଓ ପୁସ୍ତକ ପ୍ରକାଶନ କାର୍ଯ୍ୟ ଆରମ୍ଭ ହେଲା, ଫଳରେ ଆନୁଷ୍ଠାନିକ ଭାବରେ ଜ୍ଞାନର ଆଦାନପ୍ରଦାନ ଓ ପ୍ରସାର ହେବାକୁ ଲାଗିଲା । ପୂର୍ବରୁ ଓଡ଼ିଆ ସାହିତ୍ୟ କାବ୍ୟ ଓ ନାଟକ ମଧ୍ୟରେ ସୀମିତ ଥିଲା, ଯଦିଓ ପଞ୍ଚସଖା ଓ ପରବର୍ତ୍ତୀ କିଛି ସ୍ରଷ୍ଟା କେତେକ ଗଦ୍ୟ ରଚନା କରିଥିଲେ । ତେବେ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା, ଜୀବନୀ, ଆତ୍ମଜୀବନୀ ଭଳି ସାହିତ୍ୟର ନୂତନ ଆଧୁନିକ ଗଦ୍ୟ ଅଭିଧାଗୁଡ଼ିକର ରଚନାର ପରମ୍ପରା ଆରମ୍ଭ ହେଲା ଏହି ନବଜାଗରଣ କାଳରେ । ଫଳରେ, ସାହିତ୍ୟ କେବଳ ପୌରାଣିକ ଓ ରାଜ-ରାଜୁଡ଼ା-ପ୍ରେମକାହାଣୀ ଆଧାରିତ ନହୋଇ ସମକାଳୀନ ସମାଜ ଓ ସଂସ୍କୃତିର ଆଖ୍ୟାନ ମଧ୍ୟ ନିର୍ମାଣ କଲା । ଏହି ସାମାଜିକ-ସାଂସ୍କୃତିକ ଆଖ୍ୟାନ ନିର୍ମାଣ ପ୍ରକ୍ରିୟାରେ ଫକୀର ମୋହନଙ୍କ କଥା ସାହିତ୍ୟର ଭୂମିକା ଉଲ୍ଲେଖନୀୟ । ଫକୀରମୋହନଙ୍କ କଥା ସାହିତ୍ୟ ସମକାଳୀନ 'ପ୍ରାକ୍-ବ୍ରିଟିଶ ଓ ପର-ବ୍ରିଟିଶ ପଚାଶ ବର୍ଷର ଓଡ଼ିଶାର କ୍ରମବିବର୍ତ୍ତିତ ସାମାଜିକ ଜୀବନର ଏକ ଚିତ୍ରଶାଳା' ଯେଉଁଠି ହାସ୍ୟରସ ସହିତ ସୂକ୍ଷ୍ମ ନୈତିକ ତାତ୍ପର୍ଯ୍ୟର ମନୋହର ବର୍ଣ୍ଣ' (ମାନସିଂହ ୨୦୧୧, ୨୧୨) ଦେଖିବାକୁ ମିଳେ ।

---

[1] ଆଧୁନିକ ସାହିତ୍ୟରେ 'ବ୍ୟାସ କବି' ଭାବରେ ପରିଚିତ ଫକୀରମୋହନଙ୍କୁ ବାମଣ୍ଡା ରାଜା 'ସରସ୍ୱତୀ ଫକୀରମୋହନ' ଉପାଧି ପ୍ରଦାନ କରିଥିଲେ । ସେହିପରି, ମାୟାଧର ମାନସିଂହ 'ଓଡ଼ିଶାର ଟମାସ ହାର୍ଡ଼ି' ଭାବରେ ପରିଚିତ କରନ୍ତି (ମାନସିଂହ ୨୦୧୧, ୨୧7) ।

[2] ଫକୀରମୋହନ ସାହିତ୍ୟର ଅନେକ ଆଲୋଚକ ରେବତୀ ଗଳ୍ପକୁ ଓଡିଆ ସାହିତ୍ୟର ପ୍ରଥମ ଗଳ୍ପ ଭାବରେ ସ୍ୱୀକୃତି ଦେଇଥାଆନ୍ତି ତେବେ ଦେବେନ୍ଦ୍ର କୁମାର ଦାଶଙ୍କ ମତରେ ଆଶ୍ଚର୍ଯ୍ୟ ସ୍ୱପ୍ନ ହେଉଛି ପ୍ରଥମ ଗପ । ଏହି ଗଳ୍ପ 1.7.1877 ମସିହାରେ ବାଲେଶ୍ୱର ସମ୍ବାଦବାହିକାରେ ପ୍ରକାଶିତ ହୋଇଥିଲା (ଦାଶ 2008, 42) ।

ଫକୀରମୋହନଙ୍କ କୋଡ଼ିଏଟି ଗଳ୍ପ— *ରେବତୀ, ପେଟେଣ୍ଟ ମେଡ଼ିଶିନ୍, ରାଣ୍ଡିପୁଅ ଅନନ୍ତା, ଗାରୁଡ଼ି ମନ୍ତ୍ର, ଅଧର୍ମ ବିତ୍ତ, ସଭ୍ୟ ଜମିଦାର, ବୀରେଇ ବିଶାଳ, ଡାକ ମୁନସି, ସୁନାବୋହୂ, ଧୂଳିଆ ବାବା, ଅଜାନାତି କଥା, ବାଲେଶ୍ୱରୀ ରାହାଜାନୀ, ପାଠୋଇ ବୋହୂ, ବାଲେଶ୍ୱରୀ ପଙ୍ଗାଲୁଣ, ମାଧ ମହାନ୍ତିଙ୍କ କନ୍ୟାସୁନା, କାଳିକା ପ୍ରସାଦ ଗୋରାପ, ବଗଲା ବଗୁଲୀ, କମଳା ପ୍ରସାଦ ଗୋରାପ, ମୌନାମୌନୀ, ଓ ପୁନର୍ମୂଷିକୋଭବ* ଯାହା *ଗଳ୍ପସ୍ୱଳ୍ପ* (୧୯୧୨) ସଙ୍କଳନରେ ସଂକଳିତ [3] । ଏହି ଗଳ୍ପଗୁଡ଼ିକରେ ଶିକ୍ଷା, ଓ ଶିକ୍ଷାକୁ ନେଇ ପାରମ୍ପରିକ ଅବଧାରଣା, ତତ୍କାଳୀନ ସମାଜରେ ପ୍ରଚଳିତ ବିଶ୍ୱାସ, ସାମନ୍ତବାଦୀ ଚାରିତ୍ରିକ ସ୍ଖଳନ, ନବ୍ୟ ଶିକ୍ଷିତଙ୍କ ବିଭିନ୍ନ ଚାରିତ୍ରିକ ଦିଗ, ଧାର୍ମିକ ଶୋଷଣର ଆଖ୍ୟାନ ସହିତ ସମକାଳୀନ ଅନ୍ୟାନ୍ୟ ଘଟଣାବାଳୀର ଚିତ୍ର ଦେଖିବାକୁ ମିଳେ । ସେହିପରି, ଉପନ୍ୟାସଗୁଡ଼ିକରେ ମଧ ସାଧାରଣ ଜନଜୀବନର ଚିତ୍ର, ସାମନ୍ତବାଦୀ ଚରିତ୍ରର ବିଭିନ୍ନ  ସ୍ଖଳନ, ସାଧାରଣ ଜନତାର ଶୋଷଣ, ତଥା ବିଭିନ୍ନ ଐତିହାସିକ ଆଖ୍ୟାନ ଦେଖାଯାଏ ।

ଫକୀରମୋହନ ଜମିଦାରୀ ପରମ୍ପରା ସହ ଓତଃପ୍ରୋତ ଭାବରେ ସମ୍ପୃକ୍ତଥିଲେ । ଜମିଦାରୀ ପରମ୍ପରାର ବହୁଚିତ୍ର ଦେଖାଯାଏ ତାଙ୍କ ଆଖ୍ୟାନରେ— *ଅଧର୍ମ ବିତ୍ତ* ଗଳ୍ପରେ ସାହୁର ମହାଜନୀ ଦେଖନ୍ତୁ; "ଆପଣ ତ ମୋ କୁଳ ପୁରୋହିତ, ଦେବାବେଳେ ଦି'ଶ ଶହେ ଛାଡ଼ି ନେଇଗଲେ ମୋର କ'ଣ ସରିଯିବ" ବୋଲି ମିଠାକଥା କହୁଥିବା ସାହୁକାର ଗୁଜା ଲେଖିଲାବେଳକୁ "ସିନ୍ଦୁକ ପୂଜା ଶତକରା ଯୋଡ଼ାଏ ଟଙ୍କା, ଗୁମାସ୍ତା ଖର୍ଚ୍ଚ ଦୁଇ ଟଙ୍କା, ଲକ୍ଷ୍ମୀନାରାୟଣ ବାଳଭୋଗ ଦୁଇ ଟଙ୍କା, ରେଜେଷ୍ଟରୀ ଖର୍ଚ୍ଚ, ଗୁମାସ୍ତା କଟକ ଖୋରାକି ସବୁ ରକମ ମିଶାଇ ଛ ଟଙ୍କା । ଗାଏ ସବୁ ପଦକୁ ବାର ଟଙ୍କା ଆଠ ଅଣା" କାଟିନେଇଛନ୍ତି । ପରେପରେ ପୁଣି ନାଲିସକରି ଶାଗମାଛ ଦରରେ ନିଜେ ନିଲାମ ଧରିଛନ୍ତି । ଜମିଦାରୀ ପରମ୍ପରାର ଏହି ଚିତ୍ରର ଭିନ୍ନରୂପ ଆମେ ଦେଖିବାକୁ ପାଉଁ *ରେବତୀ*  ଗଳ୍ପରେ । ରେବତୀର ବାପା ଶ୍ୟାମବନ୍ଧୁ ଜମିଦାରଙ୍କର କରଣ । ଜମିଦାରୀ ପରମ୍ପରାର ଅଂଶ ହୋଇଥିଲେ ବି ଶ୍ୟାମବନ୍ଧୁ କିନ୍ତୁ ଏକ ବ୍ୟତିକ୍ରମ, "ସିଧାସଳଖ । ବାପରେ, ଧନରେ କହି କହି ଦୁଆର ଦୁଆର ବୁଲି ଖଜଣା ଅସୁଲ କରନ୍ତି କାହାରିଠାରୁ ଅନ୍ୟାୟରେ ନିଅନ୍ତି ନାହିଁ । ପ୍ରଜାମାନେ ଖଜଣା ଦେଇ ପାଉତି ମାଗନ୍ତି ନାହିଁ । ସେ ଚାରିଆଙ୍ଗୁଳି ତାଳପତ୍ରରେ ଖଣ୍ଡେ ପାଉତି ଲେଖି ବଳେ ଚାଳରେ ଗୁଞ୍ଜି ଦେଇ ଯାଆନ୍ତି । ଜମିଦାର ପିଆଦା ଆସିଲେ ଗାଁକୁ ଛାଡନ୍ତି ନାହିଁ ଆପେ ହାତ ଓଠ ଧରି ଧୂଆଁଖିଆ ଦୁଇପଇସା ଅଣ୍ଟାରେ ଗୁଞ୍ଜି ଦେଇ ବିଦା କରନ୍ତି" । ଏହିପରି, ଜମିଦାରୀ ପରମ୍ପରାର କେବଳ ଶୋଷଣ ମାତ୍ର ନୁହେଁ କିଛି କିଛି ସହୃଦୟତାର ଚିତ୍ର ବି ଆମେ ଦେଖିଥାଉ ।

ନବଜାଗରଣର ଏହି କାଳରେ ଆନୁଷ୍ଠାନିକ ଶିକ୍ଷାକୁ ନେଇ ସମାଜରେ ଥିବା ବିଭିନ୍ନ ଅବଧାରଣାର ଚିତ୍ର ଆମେ ଦେଖିବାକୁ ପାଇଥାଉ ଫକୀରମୋହନଙ୍କ ଗଳ୍ପରେ । ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ଭାବରେ ପରିଗଣିତ *ରେବତୀ* ଗଳ୍ପର ମୁଖ୍ୟ ଆଖ୍ୟାନ ଆଧାର ଶିକ୍ଷା । ରେବତୀର ପାଠପଢ଼ାକୁ ନେଇ ରେବତୀର ବାପାମାଆଙ୍କ ସମ୍ମତି ଥିଲେ ମଧ ରେବତୀର ଜେଜେମାଙ୍କ ପୁରାତନ ଅବଧାରଣା ଯାଇନାହିଁ— "ପାଠ କ'ଣ ଲୋ ? ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢ଼ା ଶିଖ, ପିଠାପଣା କରି ଶିଖ, ଝୋଟିଦିଆ ଶିଖ, ଦହିମୁହାଁ ଶିଖ, ପାଠ କ'ଣ"? ପ୍ରସଙ୍ଗକ୍ରମେ ରେବତୀର ବାପା ମାଆ ଆରପାରିକୁ ଚାଲିଯାଇଛନ୍ତି, ତାକୁ ପାଠ ପଢ଼ାଉଥିବା ବାସୁଦେବ ମଧ; ରେବତୀକୁ ବି ସନ୍ନିପାତ ଗ୍ରାସ କରିଛି, ଆଉ ବୁଢ଼ୀ କହିଛି, "ଯାହା ଆପଣାକିଆ, ତହିଁକି ଇଲାଜ କିଆଁ" ? ଅର୍ଥାତ୍ ରେବତୀ ପାଠ ପଢ଼ିବାରୁ ତାକୁ ଜର ହେଲା । ଏପରିକି ବାସୁଦେବର ମୃତ୍ୟୁରେ ବି ସ୍ୱଗତୋକ୍ତି କରିଛି, "ଆହା ବାପା, ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରେଇଲୁରେ ! ଅର୍ଥାତ୍ ସେ ଦୁର୍ବୁଦ୍ଧି କରି ରେବତୀକୁ ପାଠ ପଢ଼େଇବାରୁ ମରିଗଲା, ନୋହିଲେ କେଭେ ମରିନଥାନ୍ତା" । ରେବତୀର ଶିକ୍ଷା ପୂରଣ ହୋଇପାରିନାହିଁ । ସେତେବେଳେ ଆନୁଷ୍ଠାନିକ ଶିକ୍ଷାର ପ୍ରଚାରପ୍ରସାର ଘଟୁଥିଲା ଓ ଅନୁରୂପ ଭାବରେ ନାରୀଶିକ୍ଷାକୁ ଗୁରୁତ୍ୱପ୍ରଦାନ କରାଯାଉଥିଲା (Indian Statutory Commission, 1930; Nurullah & Naik, 1943; Pandey, 2016), ଏପରିକି ନିଜେ ମଧ 1868 ମସିହାର ଶେଷଭାଗରେ ନିଜର କେତେଜଣ ସହଯୋଗୀଙ୍କ ସହିତ ମିଶି ବାଲେଶ୍ୱରରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନା କରିସାରିଥିଲେ (ବେହେରା, ଏବଂ ଦାଶ 2002, 44, 103), କିଛି ଦିନ ଶିକ୍ଷକତା କରିବା ସହିତ ସ୍କୁଲ ପରିଚାଳନା ସମିତିର ସଦସ୍ୟ (ବେହେରା, ଏବଂ ଦାଶ 2002, 45, 108), ବି ରହିଥିଲେ; ସେଇ ଫକୀରମୋହନ ନାରୀଶିକ୍ଷାକୁ ଆଧାରକରି ଲେଖନ୍ତି *ରେବତୀ*  (1898) ଗଳ୍ପ [4]। କିନ୍ତୁ ରେବତୀର ଶିକ୍ଷାଗ୍ରହଣ ସଫଳ ହୋଇପାରିଲା ନାହିଁ, କାରଣ କ'ଣ ? ବା ସେଭଳି ଆଖ୍ୟାନ କାହିଁକି ପ୍ରସ୍ତୁତ କଲେନାହିଁ ? ଏହାର କାରଣ କ'ଣ ଫକୀରମୋହନଙ୍କ ରଚନାରେ "ପ୍ଲଟଗୁଡ଼ିକ ସୁସମ୍ବନ୍ଧଭାବରେ କଳ୍ପିତ ନହେବା, କ୍ରମାଭିବ୍ୟକ୍ତିରେ ସଙ୍ଗତି ରକ୍ଷା ଦିଗରୁ ଦୃଷ୍ଟିରୁ ଅଭାବ ଓ ତରବରିଆ ମାନସିକତା" (ମାନସିଂହ ୨୦୧୧,୨୧୬) ? ହୋଇପାରେ, ବା ହୋଇପାରେ ଗୋଟିଏ ସାମାଜିକ ଦୃଷ୍ଟିକୁ ଯେମିତି ଅଛି ସେମିତି ବର୍ଣ୍ଣନା କରିଯିବାର ଦୃଷ୍ଟିକୋଣ । ଏମିତି ବି କୁହାଯାଇପାରେ ଯେ ଏହି ଗଳ୍ପର ମୁଖ୍ୟ ଆଧାର ନାରୀ ଶିକ୍ଷା

---

[3] ଫକୀରମୋହନ ସାହିତ୍ୟର ଅନେକ ଆଲୋଚକ ରେବତୀ ଗଳ୍ପକୁ ଓଡିଆ ସାହିତ୍ୟର ପ୍ରଥମ ଗଳ୍ପ ଭାବରେ ସ୍ୱୀକୃତି ଦେଇଥାଆନ୍ତି ତେବେ ଦେବେନ୍ଦ୍ର କୁମାର ଦାଶଙ୍କ ମତରେ ଆଶ୍ଚର୍ଯ୍ୟ ସ୍ୱପ୍ନ ହେଉଛି ପ୍ରଥମ ଗପ । ଏହି ଗଳ୍ପ 1.7.1877 ମସିହାରେ ବାଲେଶ୍ୱର ସମ୍ବାଦବାହିକାରେ ପ୍ରକାଶିତ ହୋଇଥିଲା (ଦାଶ 2008, 42) ।

[4] ମିଶନାରୀମାନଙ୍କଦ୍ୱାରା ଯଦିଓ ଗୋଆରେ 1542 ମସିହାରୁ ଆନୁଷ୍ଠାନିକ ଶିକ୍ଷା ଆରମ୍ଭ ହୋଇଥିଲା ତେବେ, 1835 ପରେପରେ ବିଧିବଦ୍ଧ ଭାବରେ ଆନୁଷ୍ଠାନିକ ଶିକ୍ଷାର ପ୍ରସାର ପ୍ରଚାର ଆରମ୍ଭ ହେଲା ଭାରତରେ । ବଙ୍ଗଳାର ପ୍ୟାରୀ ଚରଣ ସରକାର 1847 ମସିହାରେ ଓ ମହାରାଷ୍ଟ୍ରର ଜ୍ୟୋତିରାଓ ଫୁଲେ 1848 ମସିହାରେ ବାଳିକାମାନଙ୍କ ପାଇଁ ବିଦ୍ୟାଳୟମାନ ସ୍ଥାପନ କରିସାରିଥିଲେ ।

ଫକୀରମୋହନ ବାଲେଶ୍ୱରର ବାରବାଟୀ ସ୍କୁଲରେ, ବାଲେଶ୍ୱରୀ ମିଶନାରୀ ସ୍କୁଲରେ ଶିକ୍ଷକତା କରିଥିଲେ (ବେହେରା, ଦାଶ 2009, 75) ଓ କଟକ ନର୍ମାଲ ସ୍କୁଲରେ ପଣ୍ଡିତ ଥିଲେ (ବେହେରା, ଦାଶ 2009, 92) । ପରବର୍ତ୍ତୀ ସମୟରେ ବାରବାଟୀ ସ୍କୁଲ ପରିଚାଳନା ସମିତିର ସଦସ୍ୟ ଭାବରେ ମଧ କାର୍ଯ୍ୟ କରିଥିଲେ (ବେହେରା, ଦାଶ 2009, 41) । "ସ୍ତ୍ରୀମାନଙ୍କ ଶିକ୍ଷାର ପ୍ରତି ବିଶେଷ ବ୍ୟବସ୍ଥା ନିମିତ୍ତ ସେ ପ୍ରାଣପଣେ ଯତ୍ନ କରିଥିଲେ" (ମୃତ୍ୟୁଞ୍ଜୟ ରଥଙ୍କ ବକ୍ତବ୍ୟକୁ ଯେଭଳି ବେହେରା, ଦାଶ 2009, 44 ଉଲ୍ଲେଖ କରିଛନ୍ତି) ।

ନୁହେଁ ବରଂ ଗୋଟିଏ ପରିବାର କିପରି ଘଟଣାକ୍ରମରେ ଅକସ୍ମାତ ରୋଗଗ୍ରସ୍ତ ହୋଇ ଜଣେପରେ ଜଣେ ନିଶେଷ ହେଇଯାଇଛନ୍ତି ତାହାର ଏକ କରୁଣ କାହାଣୀ ମାତ୍ର । *ରେବତୀ* ଗଳ୍ପକୁ ନେଇ ନିଜେ ଲେଖିଥିବା *ସମାଲୋଚନା* ଆଖ୍ୟାନରେ ମଧ "ଗଳ୍ପ ଅପେକ୍ଷା ସ୍ରଷ୍ଟା ଅର୍ଥାତ୍ ନିଜ ସମ୍ପର୍କରେ ଅଧିକ ମୁଖର" (ପଟ୍ଟନାୟକ 1998, 30) ।

ଫକୀରମୋହନ ସେସମୟରେ ସମାଜରେ ଥିବା ଇଂରାଜୀ ପାଠୁଆ ବାବୁମାନଙ୍କ ପ୍ରତି ଅନ୍ୟମାନଙ୍କ ଦୃଷ୍ଟିକୋଣର ଚିତ୍ର ଦେବାକୁ ଯାଇ କହନ୍ତି, "ଆଜିକାଲିକା ଇଂରାଜୀ ପାଠୁଆ ଭେଣ୍ଡିଆଙ୍କ ମଧରୁ ଗୋଟାଏ ଗୋଟାଏ ଅଦିନିଆଁ କଖାରୁ ବାହାରି ପଡ଼ନ୍ତି (*ଗାରୁଡ଼ି ମନ୍ତ୍ର*)" । ସେମିତି ଏକ କଖାରୁର ଚିତ୍ର ଆଙ୍କନ୍ତି *ଡାକ ମୁନସି* ଗଳ୍ପରେ । ଯେଉଁ ଗୋପାଳକୁ ପାଠ ପଢ଼ାଇବାକୁ ଯାଇ ହରି ସିଂହ ଚଳିବାକୁ ଲୋଟାକଂସା ବିକିଛନ୍ତି, ଯେଉଁ ଗୋପାଳକୁ ନେଇ ସବୁବେଳେ "ଗୋପାଳ କିମିତି ଭଲ କରି ଦିଟା ଖାଇବ— ଗୋପାଳ ଗାଧୋଇ ଗଲା, ଓଦା ଲୁଗା ଶୁଖିନାହିଁ— ପିଲାଟା କାମ କରିକରି ଧନ୍ଦି ଗଲାଣି, ଏହି ସମସ୍ତ ଦିନରାତି ଚିନ୍ତା" କରିଛନ୍ତି । ଏପରିକି ଏହି ଚିନ୍ତାରେ ସେ ନିଜେ ଯେଉଁ ବେଳେବେଳେ ହରିନାମ କରୁଥିଲେ ତାହା ବି ଭୁଲିଯାଇଥିଲେ ସେଇ ଗୋପାଳ ତାଙ୍କୁ କହିଛି, "ଦେଖ ତୁମେ ମୋର କିଛି ଉପକାର କରିନାହଁ, ଇଚ୍ଛା ହେଲେ ବସାରେ ରହ, ନୋହିଲେ ଚାଲିଯାଅ" । ଏପରିକି ଜର-କାଶ ଗ୍ରସ୍ତ ଅବସ୍ଥାରେ ପିଅନକୁ କହିଛି ବୁଢ଼ାଟାକୁ କିଆବାଡ଼ରେ ଫୋପାଡ଼ି ଦେଇ ଆସ । ଆଉ ଶେଷରେ ବୁଢ଼ା ଛାତିରେ ଦୁଇଟା ଇଂରାଜୀ ଘୁଷି ମାରି ବିଛଣାପତ୍ର ବାହାରକୁ ଫୋପାଡ଼ି ଦେଇଛି । ଶିକ୍ଷାଜନିତ ବ୍ୟକ୍ତି ଚରିତ୍ରରେ ଏ ନୈତିକ ଅଧପତନର ଯେଉଁ ଚିତ୍ର ଆଙ୍କିଛନ୍ତି ତାହା ମଧ ଏକ ଋଣାତ୍ମକ ଉପସ୍ଥାପନା । କୁହାଯାଇପାରେ, ଏହା ଏକ ସମକାଳୀନ ଘଟଣା ବା ମାନସିକତାର ସତ୍ୟଶୀଳ ଚିତ୍ରମାତ୍ର । ତେବେ, ଆନୁଷ୍ଠାନିକ ଶିକ୍ଷାର ମହତ୍ତ୍ୱ ଓ ଗୁରୁତ୍ୱକୁ କିପରି ଉପେକ୍ଷା କରାଯାଇପାରିବ ? ସାହିତ୍ୟ ସମାଜର ଚିତ୍ର ପାଠକମାନଙ୍କ ପାଖରେ ଉପସ୍ଥାପନ କରେ, ପାଠକମାନଙ୍କ ମଧରେ ସମ୍ପୃକ୍ତ ଘଟଣା ତଥା ସମସ୍ୟାକୁ ନେଇ ଏକ 'ପରିଚର୍ଚ୍ଚା (Discourse)' ସୃଷ୍ଟିକରେ (Carter and Simpson, 1995, 13) । ଏଠି ଆଶଂକା ସ୍ୱାଭାବିକ ଯେ, ଏଭଳି ଗଳ୍ପଟିଏ ପାଠକ ପଢ଼ିଲେ ତା ମନରେ ପ୍ରଚଳିତ ଶିକ୍ଷାକୁ ନେଇ ବିରୋଧାଭାସ ସୃଷ୍ଟି ହେବ କି ନାହିଁ ? ଅନ୍ତତଃ ସେହି ସମୟରେ ଯେତେବେଳେ *ଛମାଣ ଆଠଗୁଣ୍ଠ* ଉପନ୍ୟାସ ଉତ୍କଳ ସାହିତ୍ୟ ରେ ପଢ଼ି ଲୋକେ କଟକ କଚେରିରେ ସେ ମାମଲାର ଶୁଣାଣି ସ୍ୱଚକ୍ଷୁରେ ଦେଖିବା ପାଇଁ ଆସୁଥିଲେ (ମାନସିଂହ ୨୧୦୧୧, ୨୧୪) ସେତେବେଳେ ଫକୀରମୋହନ ଶିକ୍ଷାକୁ ନେଇ ଏଭଳି ଏକ ଆଖ୍ୟାନ— *ଡାକ ମୁନସି* ଗଳ୍ପରେ କାହିଁକି ପ୍ରସ୍ତୁତ କଲେ ? ଏଠାରେ ମଧ *ଅଜାନାତି କଥା* ଗଳ୍ପର ପ୍ରସଙ୍ଗ ଉଲ୍ଲେଖନୀୟ ଯେ, ଅଜା ସାହିତ୍ୟ ପତ୍ରିକାରେ ପ୍ରକାଶିତ *ମୌନାମୌନୀ* ଗପ ପଢ଼ି ତାହାକୁ ଗେଜେଟ୍ ଭାବି କହିଛନ୍ତି— "ଦୁଇଜଣ ଚୋରଚୋରଣୀ ମଉନା ମଉନୀ ବାବାଜି ସାଜି ଖଣ୍ଡଗିରିର ଗୋଟିଏ ଗୁହା ଭିତରେ ବସି ମିଛରେ ତପସ୍ୟା କରୁଥିଲେ । ପୁଲିସ ସେମାନଙ୍କୁ ଚାଲାଣ ଦେଲା । ମେଜେଷ୍ଟର ସାହେବ ଦି'ଦି' ବରଷ ମିଆଦ ଦେଲେ" । ଆଉ ନାତି ଯେତେବେଳେ ତାହାକୁ ଗୋଟିଏ ଗଳ୍ପ ବୋଲି କହିଛି ସେତେବେଳେ ସେ କହିଛନ୍ତି, "ଆରେ ଗେଜେଟ୍ ରେ କଣ ମିଛ କଥା ଲେଖାହୁଏ ? ମୁଁ ଜାଣିଥିଲି ସରକାରରୁ ଯେତେ ଛାପା ଗେଜେଟ୍ ଆସେ ସେଥିରେ ସବୁ ସତ କଥା ଲେଖାଥାଏ । ତେବେ ଏଭଳି ମିଛକଥାଗୁଡ଼ାଏ ଥାଏ ? ...ତୁମ ଇସ୍କୁଲରେ କଣ ଏଇ ମିଛ କଥାଗୁଡ଼ାକ ପଢ଼ା ହୁଏ ? ହବ ନାହିଁ ? ମ୍ଳେଛ ପାଠ ତ" (ପୂନର୍ବାର ଆନୁଷ୍ଠାନିକ ଶିକ୍ଷାକୁ ନେଇ ଶ୍ଳେଷ ବା ନକରାତ୍ମକତା) ! ଆଉ ପ୍ରସଙ୍ଗକ୍ରମେ ନାତି କହିଛି, ଅଜା "...ଉପନ୍ୟାସ ବୋଲ, କି ଗଳ୍ପ ବୋଲ ଲୋକଶିକ୍ଷା ଲାଗି କବିମାନେ ଏହିପରି ଲେଖି ଯାଇଛନ୍ତି ! ଆଜିକାଲି ଯେ ଉପନ୍ୟାସ ସବୁ ବାହାରୁଛି, ତାକୁ ହଜାର ବରଷ ଉତ୍ତାରେ ଲୋକମାନେ ପଢ଼ିଲେ, କେହି ସତ ବୋଲି ମଣିବା ଆଶ୍ଚର୍ଯ୍ୟ ନୁହେଁ" । ହଜାର ବର୍ଷ ନୁହେଁ ସେତେବେଳେ ବି ଲୋକେ ଏସବୁ ସତ ଘଟଣାବୋଲି ଭାବୁଥିଲେ । ଆଉ ଅଜା କହୁଛନ୍ତି "ନାଇଁରେ ଗଣି ! ମୋ ମନ ମାନୁନାହିଁ । ଆଚ୍ଛା ମୁଁ ପଣ୍ଡିତ ରାମ ମିଶ୍ରଙ୍କୁ ଏକଥା ପଚାରି ତତେ କହିବି" । ଏବଂ, ଅଜାଙ୍କ ବକ୍ତବ୍ୟ, "ମ୍ଳେଛ ପାଠ ତ !" ପରେ ଏହି ବକ୍ତବ୍ୟକୁ ଖଣ୍ଡନ କରି ଆଉ କିଛି ବକ୍ତବ୍ୟ ନାହିଁ । ଯେତେବେଳେ ନାତି ଗେଜେଟ୍ ଓ ସାହିତ୍ୟ ପାଠ ଭିତରେ ଥିବା ପାର୍ଥକ୍ୟ ବୁଝାଇବାକୁ ଚେଷ୍ଟା କରୁଛନ୍ତି ସେତେବେଳେ ମ୍ଳେଛ ପାଠ ଉପରେ କୌଣସି ବିରୋଧ କରୁନାହାନ୍ତି । ନବଜାଗରଣ କାଳରେ ଏଭଳି ଆଖ୍ୟାନକୁ ଆମେ କିପରି ମୂଲ୍ୟାୟନ କରିବା ? ଏହା ବି କ'ଣ ଅଭିବ୍ୟକ୍ତି ଜନିତ ବିସଙ୍ଗତି ? ଅଜା କହିବା ଭଳି ରାମ ମିଶ୍ରମାନଙ୍କୁ ହିଁ ପଚରାଯାଇପାରେ । ତେବେ, ଏଠାରେ ଏହା ଉଲ୍ଲେଖନୀୟ ଯେ, ଆମେ "ଇଂରାଜୀ ପାଠ ପଢ଼ି..." କାମରେ ଆସିବ "କେହି ଠକାଇ ପାରିବେ ନାହିଁ" (*ସଭ୍ୟ ଜମିଦାର*), "ଟିକିଏ ଇଂରାଜୀ ନଜାଣିଲେ ତେଡ଼େବଡ଼ ଚାକିରୀଟା ମିଳିବା ମୁଷ୍କିଲ" (*ଡାକ ମୁନସୀ*) ଭଳି ବକ୍ତବ୍ୟ ମଧ ଦେଖିବାକୁ ପାଇଥାଉ ।

ଫକୀରମୋହନ କିନ୍ତୁ ମହନ୍ତ ତଥା ସାଧୁଙ୍କୁ ଆଧାରକରି ସମାଜରେ ଦେଖାଯାଉଥିବା ପ୍ରତାରଣାର ଚିତ୍ର ଦେଲାବେଳେ ସ୍ପଷ୍ଟ ଅବଧାରଣା ରଖନ୍ତି । ଫକୀରମୋହନଙ୍କ *ଧୂଳିଆ ବାବା* ଗଳ୍ପଟି ସମକାଳୀନ ସମାଜରେ ଧର୍ମକୁ ଆଧାରକରି ହେଉଥିବା ଶୋଷଣର ନିଚ୍ଛକ ଚିତ୍ର । ସାମ୍ପ୍ରତିକ ସମାଜରେ ମଧ ଏହା ପ୍ରାସଙ୍ଗିକ ମନେହୁଏ । ଆଜି ଏକବିଂଶ ଶତାବ୍ଦୀରେ ମଧ ଧର୍ମ ନାଁରେ ଅନେକ ଶୋଷଣ ଆମେ ଦେଖିବାକୁ ପାଉଛୁ । ମହନ୍ତଙ୍କର ଅଲୌକିକ କାର୍ଯ୍ୟ ଓ କରିସ୍ମାର କାହାଣୀ ଆଜି ବି ଅଭାବ ନାହିଁ । ଅନୁରୂପ ଆଖ୍ୟାନକୁ ଆଧାର କରିଛି ତାଙ୍କର *ମୌନାମୌନୀ* ଗଳ୍ପ । ତେବେ, ଏହି ଗଳ୍ପରେ ଉଲ୍ଲିଖିତ ମହନ୍ତ ମହାବୀର ଦାସ ବଙ୍ଗଦେଶର ପ୍ରସିଦ୍ଧ ଡକାଏତ ସର୍ଦ୍ଦାର ଓ ଅନ୍ୟାନ୍ୟ ସାଧୁମାନେ ସଙ୍ଗୀ ଡକାଏତ । ଅନ୍ୟ ଦଶଜଣ ସାଧୁ ଅନ୍ୟାନ୍ୟ ଜିଲ୍ଲାର ଫେରାରି ଆସାମୀ । ମୌନା ବାବାଜୀ କଲିକତାର ଜଣେ ପ୍ରସିଦ୍ଧ ବଡ଼ ଲୋକଙ୍କ ଗୁମାସ୍ତା । ମୌନୀ ମାତା ତାହାଙ୍କ ପରିବାରସ୍ଥ ବିଧବା ବଧୂ । ଯେଉଁମାନଙ୍କୁ ଠଗି କମିଶନରଙ୍କ ଡିଟେକ୍ଟିଭ୍ ପୋଲିଶ ଅଫିସର ଭକ୍ତ ଭାବରେ ଆସି ଗିରଫ୍ କରି ନେଇଛନ୍ତି ।

ଗୁଣିଗାରିଡ଼ିରେ ରୋଗ ଭଲ ହେବାର ଘଟଣା ଭଳି ପାରମ୍ପରିକ ବିଶ୍ୱାସ ପରିଚର୍ଚ୍ଚା ଆମେ ଦେଖୁ *ପାଠୋଇ ବୋହୂ* ଗଳ୍ପରେ । ଡାକ୍ତର ଡାକିବା କଥା ଶୁଣି ହରି ମିଶ୍ରେ ଖପ୍ପା ହୋଇ କହନ୍ତି, "ଏ ରୋଗକୁ ଡାକ୍ତର, ଡାକ୍ତରର ବୋପା ! ପିତାସୁଣୀ ପବନ ଲାଗିଛି । ଡାକ, ଗୁଣିଆ ଶୁକ୍ରିଆ ମୁଖୀକୁ, ସାଙ୍ଗେସାଙ୍ଗେ କାନିରେ ବାନ୍ଧି ଘେନିଯିବ । ଦଶଜାଗା ଆମର ଏ ଅଙ୍ଗେ ନିଭେଇବା କଥା" । ତେବେ, ଶୁକ୍ରିଆ "ଗୁଣିଆ ଆସିଛି କହିଛି, କିଛି ଚିନ୍ତାନାହିଁ । ଦେଖନ୍ତୁ ଏହି ଲାଗେ ଡାହାଣୀ ଚିରିଗୁଣୀ ଯାହାଥିବ ବାନ୍ଧି ନେଇଯିବି" କହି ମନ୍ତ୍ର ପଢ଼ିଛି, ପୂଜାପାଠ କରିଛି । ସେହିପରି, ଅନ୍ୟର ଖରାପ ନଜରରୁ ରକ୍ଷାକରିବା ପାଇଁ ପ୍ରଚଳିତ ବିଶ୍ୱାସ ଓ ତାହାର ଉପଚାରର ଚିତ୍ର ବି ଏଠାରେ ଉଲ୍ଲେଖନୀୟ, "...ତୁଳସୀମୂଳରୁ ଟିକିଏ ମାଟି ଆଣି ମୁଣ୍ଡରେ ଚିତା କରିଦିଏ । ଜଟ ଉପରେ ଟିକିଏ ଲଗାଇ ଦିଏ । ତାହା ବାଦେ ପୁଅ ଉପରକୁ ଟିକିଏ ଛେପ ପକାଇ ଦିଏ । ଗାଁରେ କେତେ ରକମ ମାଇକିନିଆ ଅଛନ୍ତି, କାହା ନଜର କେମିତି ? ପୁଅକୁ ହାୟରା କରିଦେବେ । ଏହିଲାଗି ପୁଅ ବେକରେ ଖଣ୍ଡିଏ ଘୁଷୁରୀଥୋମଣୀ, ଗୋଟାଏ ତମ୍ବା

ଡେଉଁରିଆ, ମୂଳମୂଳିକା ହାର କରି ପୁଅ ବେକରେ ଲଗାଇ ଦେଇଛି (*ରାଣ୍ଡିପୁଅ ଅନନ୍ତା* )" । ପୁଣି "ବାର ଲୋକର ନଜର କଟିଯିବ ବୋଲି ଆପଣା ଗୋଡ଼ରୁ ଟିକିଏ ଧୂଳି ନେଇ ପୁଅ ମୁଣ୍ଡରେ ଲଗାଏ" । ଦେଖିବାକୁ ମିଳେ ପିହୁଳା ରୋଗ ଭଲ କରିବା ପାଇଁ ମୁଣ୍ଡରେ ତତଲା ବୋତଲ ଚିହ୍ନର ଅଙ୍କନ (*ରେବତୀ* ) ଯାହାକୁ ଆଜି ଦିନରେ ବି ଆଦିବାସୀ ଅଞ୍ଚଳଗୁଡ଼ିକରେ ଚେଙ୍କ ଦେବା ଘଟଣାସହିତ ସମାନ୍ତରାଳ ଭାବରେ ଦେଖାଯାଇପାରେ । ଏଗୁଡ଼ିକୁ ଆମେ ଯେଉଁଭଳି ଅନ୍ଧବିଶ୍ୱାସ ଭାବରେ ଦେଖୁ ସେଭଳି ଏହାକୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତାର ଅଭାବ ଭାବରେ ମଧ୍ୟ ଦେଖିପାରିବା । ଏସବୁକୁ ମଧ୍ୟ ସମକାଳୀନ ସମାଜର ପାରମ୍ପରିକ ବିଶ୍ୱାସ ଭାବରେ ନିଆଯାଇପାରେ ଏବଂ ଏଗୁଡ଼ିକ ଆଖ୍ୟାନର ମୂଳ ବକ୍ତବ୍ୟ ନୁହେଁ । ତେବେ, **'ଲେଖକୀୟ ଦୃଷ୍ଟିକୋଣ (author's intent)' ଦୃଷ୍ଟିରୁ** (Wimsatt, and Beardsley, 1946)[5] ଏଭଳି ନକାରାତ୍ମକ ବିଶ୍ୱାସ ବିରୋଧରେ ପ୍ରତି-ଆଖ୍ୟାନ ନବଜାଗରଣକାଳରେ ଗୁରୁତ୍ୱପୂର୍ଣ୍ଣ ମନେହୁଏ, ଯାହା ହୋଇପାରିଲାନାହିଁ ।

*ବାଲେଶ୍ୱରୀ ପଙ୍ଗାଲୁଣ* ଗଳ୍ପଟି 'ବିଷୟବସ୍ତୁ (content)' ଦୃଷ୍ଟିରୁ ଏକ ଉଲ୍ଲେଖନୀୟ ଆଖ୍ୟାନ [6]। "ସେତେବେଳେ ବାଲେଶ୍ୱରବାସୀମାନଙ୍କର ଦୁଇଗୋଟି ବସ୍ତୁ ପ୍ରଧାନ ଉପଜୀବ୍ୟ— ଲବଣ ଓ ଧାନ୍ୟ" । ଏହି ବ୍ୟାପାରରେ ସରକାର ବାହାଦୂର ହସ୍ତକ୍ଷେପ କରି ପୋକ୍ତାନି କାର୍ଯ୍ୟ କରୁଥିଲେ । ୧୮୬୧ ମସିହାରେ ସରକାରୀ ପୋକ୍ତାନ କାର୍ଯ୍ୟ ବନ୍ଦ ହୋଇଗଲା । ବ୍ୟବସାୟ କରୁଥିବା ମହାଜନମାନେ ଏହି କାର୍ଯ୍ୟ କଲେ । କ୍ରମେକ୍ରମେ ବିଦେଶୀୟ ମାରୁଆଡ଼ି, କଚ୍ଛୀ, ଭାଟିଆ, ନାଖୋଦାମାନେ ମାଡ଼ି ବସିଲେ । ଏହା ଏକ ସତ୍ୟ ଘଟଣା ବୋଲି ଉଲ୍ଲେଖ କରନ୍ତି ଫକୀରମୋହନ, ସେ ନିଜେ ମଧ୍ୟ ଏହି କାର୍ଯ୍ୟ ସହିତ ଅନେକଦିନ ସମ୍ପୃକ୍ତ ଥିଲେ । ଗଳ୍ପର ଶେଷ ପର୍ଯ୍ୟାୟରେ କ୍ଷୋଭ ପ୍ରକାଶ କରନ୍ତି, "...ପୂର୍ବେ ବାଲେଶ୍ୱର ଜିଲ୍ଲାରେ ପ୍ରତି ବର୍ଷ ନ ଲକ୍ଷ ମହଣ ଲୁଣ ପୋକ୍ତାନ  ହେଉଥିଲା । ଆଜିଯାଏ ସେହି କାର୍ଯ୍ୟ ଚଳୁଥିଲେ ବ୍ୟବସାୟ ଉନ୍ନତି ଲାଭ କରି ପ୍ରତି ବର୍ଷରେ ଅତି ନିକୁଛରେ କୋଡ଼ିଏ ଲକ୍ଷ ମହଣ ପୋକ୍ତାନ  ହେଉଥାନ୍ତା । ସୁତରାଂ ଅଭାବ ପକ୍ଷେ ଦଶଲକ୍ଷ ଟଙ୍କା ଦେଶରେ ପଶୁଥାନ୍ତା । ହଜାର ବର୍ଷ ପୂର୍ବ ସମୁଦ୍ରଗାମୀ ନୌଚାଳକ, ସମୁଦ୍ରକୂଳବାସୀ କୈବର୍ତ୍ତବଂଶ ଆଜି ବିଜ୍ଞାନଚର୍ଚ୍ଚା ସମୟରେ କେଡ଼େ ଉନ୍ନତି କରିଥାନ୍ତେ । ...ଆମ୍ଭମାନଙ୍କ ଦୟାଳୁ ଗଭର୍ଣ୍ଣମେଣ୍ଟ କଣ୍ଠରେ ବିରାଜିତ ହୁଅନ୍ତୁ । ବାଲେଶ୍ୱର ଜିଲ୍ଲାରେ ପୂର୍ବବତ୍ ଲୁଣ ପୋକ୍ତାନ କାର୍ଯ୍ୟ ଆରମ୍ଭ ହେଉ" । ସାହିତ୍ୟ କଳା ଦୃଷ୍ଟିରୁ ଗଳ୍ପଟି ସଫଳ ହୋଇନଥାଇପାରେ ତେବେ, ସାମାଜିକ ସମସ୍ୟାର ଉପସ୍ଥାପନା ଦୃଷ୍ଟିରୁ ଏହାର ସାମ୍ପ୍ରତିକ ଆବେଦନକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ । ସାହିତ୍ୟ ସାମାଜିକ ବିସଙ୍ଗତି, ବୈଷମ୍ୟ ଆଉ ବିରୋଧାଭାସ ବିରୋଧରେ ବି ସ୍ୱର ଉତ୍ତୋଳନ କରିଥାଏ (Ogundokun, 2014; Streisand, 1995) [7] । ସମୟର ଆବେଦନକୁ ଆଖିଆଗରେ ରଖି ଏହି ସ୍ୱର କେତେବେଳେ ତୀକ୍ଷ୍ଣ ହୋଇଥାଏ ତ କେତେବେଳେ ନମନୀୟ । ଜନଜୀବନର ବିଭିନ୍ନ ବିସଙ୍ଗତି, ସମସ୍ୟା ଆଉ ସେସବୁର ସମାଧାନ ପରିଚର୍ଚ୍ଚାକୁ କେତେକ ସାହିତ୍ୟବିଦ୍ ଅତି ଆବେଗପୂର୍ଣ୍ଣ ଭାବରେ 'କଳା ପାଇଁ କଳା' କହି ଉପେକ୍ଷା କରନ୍ତି, 'ଏଗୁଡ଼ିକ ସାଧାରଣ ବର୍ଣ୍ଣନା, ଏଥିରେ କଳାତ୍ମକତା ନାହିଁ' କହି ମୂଲ୍ୟାୟନର ପରିସରରୁ ବାହାରେ ରଖନ୍ତି, ଯଦିଓ କଳାତ୍ମକତାର ନିର୍ଦ୍ଦିଷ୍ଟ ମାନଦଣ୍ଡ ତିଆରି କରିବା ସମ୍ଭବ ନୁହେଁ; କାରଣ ବ୍ୟକ୍ତି, ବିଷୟ, ବର୍ଣ୍ଣନାଶୈଳୀ, ଭାଷାପ୍ରୟୋଗ, ସାମାଜିକ-ସାଂସ୍କୃତିକ, ରାଜନୈତିକ ପରିବେଶ ଦୃଷ୍ଟିରୁ ସାହିତ୍ୟିକ ପରିପ୍ରକାଶ ଭିନ୍ନଭିନ୍ନ ହୋଇଥାଏ । ଯେକୌଣସି ଏକ ସାହିତ୍ୟିକ ପରିପ୍ରକାଶର ମୂଲ୍ୟାୟନବେଳେ ଏହି ସମସ୍ତ ଦିଗ ଗୁରୁତ୍ୱପୂର୍ଣ୍ଣ । କେହି କହିପାରିବେ ନାହିଁ କେବଳ ପିକୋସୋ, କି ଏମ୍ ଏଫ୍ ହୁସେନ୍ ଆଙ୍କିଥିବା ଚିତ୍ର ହିଁ ଚିତ୍ର ଓ ଗୁଡ଼ହାଣ୍ଡିରେ ଅଙ୍କାଯାଇଥିବା ପ୍ରାଗ୍-ଐତିହାସିକ ଚିତ୍ର, କିମ୍ବା ଆଦିବାସୀମାନେ ଆଙ୍କୁଥିବା କାନ୍ଥଚିତ୍ର ଚିତ୍ର ନୁହେଁ; ସେହିପରି. କେହି କହିପାରିବେନାହିଁ ଯେ କେବଳ ଫକୀରମୋହନ କି ମନୋଜ ଦାସ ଭଳି ଲେଖକମାନେ ଲେଖିଥିବା ଗପ ହିଁ ଗପ ଆଉ ଜଣେ ଅର୍ବାଚୀନ ଲେଖିଥିବା କି ଆଈମାମାନେ କହୁଥିବା ଗପ ଗପ ନୁହେଁ । ଏଭଳି ଚର୍ଚ୍ଚା କେବଳ ଆମ ଭିତରେ ଥିବା ଏକ ଉଚ୍ଚାଙ୍ଗ ସାମନ୍ତବାଦୀ ମାନସିକତା ମାତ୍ର । ସାହିତ୍ୟ, କଳା ଆଦି ଏକ ଏକ ସାମାଜିକ ସାଂସ୍କୃତିକ ପରିପ୍ରକାଶ, ଏହା ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀ ଭିତରେ ସୀମାବଦ୍ଧ ନୁହେଁ । ଆଉ, ଜଣେ ବ୍ୟକ୍ତି ବା ଗୋଟିଏ ଗୋଷ୍ଠୀ ଅନ୍ୟ ଜଣଙ୍କର ବା ଗୋଷ୍ଠୀର ପରିପ୍ରକାଶକୁ ନ୍ୟୁନ କହିବା ଏକ ସାଂସ୍କୃତିକ ଅହଙ୍କାର ମାତ୍ର । ସେହିପରି, ସାହିତ୍ୟ ସମାଜର ଦର୍ପଣ ନୁହେଁ କେବଳ ବରଂ ସାହିତ୍ୟ ତଥା ସମସ୍ତ ପ୍ରକାରର ସୃଜନଶୀଳ କଳା 'ସମାଜିକ ବିନିର୍ମାଣ (social reconstruction)'ରେ ଅନ୍ୟତମ ଆୟୁଧ ମଧ୍ୟ (Darah, 1987) [8]।

---

[5] Author intent or intention is "...order to judge the poet's performance, we must know what he intended. Intention is design or plan in the author's mind. Intention has obvious anxieties for the author's attitude toward his work, the way he felt, what made him write" (Wimsatt, and Beardsley 1946, 468-469).

[6] "...content, as the substance or significance of the work of literature; content in the conventional sense of story or subject matter becomes a vehicle of or excuse for the formal devices that constitute the text's literary efficacy" (Eichenbaum 1971, 12-13).

"...subject matter is very important, although representational content is by no means a necessary feature of the visual arts, as abstract art testifies. In literature, subject matter is far more important... without content is difficult to imagine" (Winner 1982, 303).

[7] "...literature is without doubt a platform for socio-political debates on practical realities by observing the meeting points between this form of art and the human society, which produces it. Finally, by exposing and rooting out the hideous implications of poor governance, official corruption, male chauvinism and other socio-economic and political injustice; literature remains an instrument for positive social changes. In short, it is a panacea for human peaceful co-existence and sustainable developments" (Ogundokun, 2014, 172). … "Art does not exist only to entertain -- but also to challenge one to think, to provoke, even to disturb, in a constant search for the truth" (Streisand, 1995).

[8] "…literature is crucial in shaping the mentality of a people, it is crucial in shaping their identity. Literature therefore has a role to play in shaping people's consciousness" (Darah, 1987, 7).

ଫକୀରମୋହନଙ୍କ ସମସ୍ତ ଗଳ୍ପ ବିଭିନ୍ନ ସାମାଜିକ ଚିତ୍ରର ଏକ ଏକ ଆଖ୍ୟାନ । ଏହି ସାମାଜିକ ଚିତ୍ରଗୁଡ଼ିକ ହେଉଛି— ଆନୁଷ୍ଠାନିକ ଶିକ୍ଷାପ୍ରତି ତତ୍କାଳୀନ ଦୃଷ୍ଟିଭଙ୍ଗୀ, ଇଂରାଜୀ ବା ଆନୁଷ୍ଠାନିକ ଶିକ୍ଷା ପ୍ରାପ୍ତ ଶିକ୍ଷିତଙ୍କ ଚରିତ୍ର ତଥା ସମାଜିକ, ସାଂସ୍କୃତିକ, ବୈକ୍ତିକ 'ପରିଚିତି ସଙ୍କଟ (identity crisis)', ଜମିଦାରୀ ଚରିତ୍ର, ଜମିଦାରମାନଙ୍କ ଶୋଷଣ, ସାଧୁ ମହନ୍ତଙ୍କ ଧର୍ମ ନାମରେ ଶୋଷଣ, ଏବଂ ଇଂରାଜୀ ଶାସନ ଲୁଣ ପୋକ୍ତାନି, ଧୂଆଁପତ୍ର କାରବାର (*ସଭ୍ୟ ଜମିଦାର* ), ଜାହାଜ ତଥା ଦରିଆପାରି ବେପାର, ରାହାଜାନି କଥା । ତେବେ, *ରାଣ୍ଡିପୁଅ ଅନନ୍ତା* ଗଳ୍ପରେ ଅନନ୍ତା ଭଳି ସାଧାରଣ ତଥା ଭାରତୀୟ ସାମାଜିକ ସଂରଚନାରେ ଉପେକ୍ଷିତ ଚରିତ୍ରଟିଏର ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେବା ଭଳି ଆଖ୍ୟାନ ମଧ୍ୟ ସୃଷ୍ଟି କରିଛନ୍ତି ଫକୀରମୋହନ । ଗଳ୍ପଟିର ପରିଣତିରେ ଯେଉଁ ମାଆ ମହାନ୍ତି ଅବଧାନକୁ, "ଆରେ କାଠଖିଆ ମାହାନ୍ତି ଗୋଲାମ୍ ମୋ ପୁଅକୁ କୁଆଡ଼େ ଲୁଚାଇଛୁ ଆଣିଦେ । ଜାଣିଥା କାଲି ସକାଳେ ପିତଳବାହିରେ ତୋ ମୁଣ୍ଡକୁ ଚୁନା କରିବି" ବୋଲି ରଡ଼ି ଛାଡ଼ିଛି ସେ ତା ପୁଅର ଜୀବନ ଉତ୍ସର୍ଗରେ କାହାକୁ କିଛି କହିନାହିଁ, ଦୋଷାରୋପ କରିନାହିଁ ବରଂ ଅବଲୀଳାକ୍ରମେ ସିଏବି ନିଜକୁ ଉତ୍ସର୍ଗ କରିଦେଇଛି । ସେହିପରି, *ମାଧ ମହାନ୍ତିଙ୍କ କନ୍ୟାସୁନା, ବିରେଇ ବିଶାଳ* ଗଳ୍ପରେ କନ୍ୟାସୁନା ପରମ୍ପରାର ବର୍ଣ୍ଣନା ଦେଖିବାକୁ ମିଳେ । *ବିରେଇ ବିଶାଳ* ଗଳ୍ପଟି ମଧ୍ୟ ଅନନ୍ତା ଅନୁରୂପ ଉପେକ୍ଷିତ ଚରିତ୍ରଗୁଡ଼ିକର ଉଦାରତାର ଆଖ୍ୟାନ । ବାପାମାଆ ଛେଉଣ୍ଡ ବିରେଇ ବିଶାଳ ଶେଷରେ ମାମୁଁ ମାଇଁଦ୍ୱାରା ଉପେକ୍ଷିତ ହୋଇ ବି ସେମାନଙ୍କ ଅସମୟରେ ସହାୟତାର ହାତ ବଢ଼ାଇଛି, ଅନୁରୂପ କମଳୀ ଚରିତ୍ରଟିରେ ବି ଫକୀରମୋହନ ଦେଖାଇଛନ୍ତି ଦାୟିତ୍ୱବୋଧ । ଜମିଦାରୀ ଗୁଳାର ବାହାରେ ଏ ଦୁଇଟି ଗଳ୍ପ ସମକାଳୀନ ସାଧାରଣ ଜୀବନର ଭିନ୍ନ ଆୟାମକୁ ବ୍ୟାଖ୍ୟା କରେ ।

*ଡାକ ମୁନସି* ଗଳ୍ପରେ ଜଣେ ନବ୍ୟ ଶିକ୍ଷିତ ଓଡ଼ିଆ କିପରି ଏକ ବିକଳ 'ପରିଚିତି ସଙ୍କଟ'ର ସମ୍ମୁଖୀନ ହୋଇଛନ୍ତି ତାହାର ସଫଳ ଚିତ୍ର ଆଙ୍କିଛନ୍ତି ଫକୀରମୋହନ । ଯେଉଁ ପୁଅକୁ ବାପ ଅନେକ ଦୁଃଖକଷ୍ଟ ତଥା ଆର୍ଥିକ ଅନାଟନରେ ପାଠ ପଢ଼େଇଲା, ହାକିମ ହୋଇଯିବାପରେ ସେଇ ପୁଅ ତାକୁ ଦେଖି ଗରଗର ହୋଇଛି, "ଏଟା ମୁର୍ଖ, ଇଂରାଜୀ ଜାଣେନାହିଁ— ମୂଲିଆ— ମଳିଆ ଲୁଗା ପିନ୍ଧିଥାଏ, ଏଟାକୁ ବାପ ବୋଲି ଡାକିବି, ଲୋକେ କଣ କହିବେ ! ସେଦିନ ଶିକ୍ଷିତା କେତେ ଜଣ ସ୍ତ୍ରୀଲୋକ ସେମିଜ ପିନ୍ଧି ଠିଆ ହୋଇଥିଲେ— ବୁଢ଼ାଟା ଦେହରେ କୁରୁତା ନାହିଁ, ସେମାନଙ୍କ ଆଗଦେଇ ଚାଲିଗଲା । କି ଲଜ୍ଜା, କି ଲଜ୍ଜା ! ଏଟାକୁ ବସାରୁ ନତଡ଼ିଲେ ଆଉ ଇଜ୍ଜତ ରିହବ ନାହିଁ ।" ପୁଣି କହିଛି, "...ଆଉ ଦେଖ, ବାବୁମାନେ ଆମ ଦୁଆରକୁ ଆସିଲେ ତୁମେ ଘରୁ ବାହାରିବ ନାହିଁ" । ସେହିପରି, *ସଭ୍ୟ ଜମିଦାର* ଗଳ୍ପରେ ପାଠୁଆ ବାବୁଙ୍କ ସ୍ଥାନୀୟ କନ୍ୟାପ୍ରତି ଆଭିମୁଖ୍ୟର ଚିତ୍ର ଦେଖନ୍ତୁ— "ଦେଶୀ କନ୍ୟାଗୁଡ଼ିକ ଅଶିକ୍ଷିତା, କୁସଂସ୍କାର ଅସଭ୍ୟତାରେ ବୁଡ଼ିଛନ୍ତି, ଲୁଗା ଖଣ୍ଡେ ପିନ୍ଧି ଜାଣନ୍ତି ନାହିଁ, ଅଧାଲଙ୍ଗଳା ହୋଇଥାନ୍ତି, ମୁହଁ ଢାଙ୍କି ମୂଷା ପରି ଗାତରେ ଲୁଚିଥାନ୍ତି" ! ପୁଣି ଶଙ୍ଖ ହୁଳହୁଳି ଶବ୍ଦକୁ କୁସଂସ୍କାର, ଅସଭ୍ୟତା କହନ୍ତି; ବୋହୂ ସାଆନ୍ତାଣୀ ଶବ୍ଦ ଶୁଣି ଖପା ହୁଅନ୍ତି— କେହି ବୋହୂ ସାଆନ୍ତାଣୀ କହିଲେ ଜମିଦାର ବାବୁ ଭାରି ଖପା ହୋଇଯାଆନ୍ତି ନାମ ହୋଇଛି ମିସେସ୍ ମହାପାତ୍ର । ମାତ୍ର ପୋଇଲିମାନେ ଆଉ ମୂର୍ଖ ଚାକରଗୁଡ଼ାକ ଠିକ୍ ନାମ ଧରି ଡାକିପାରନ୍ତିନାହିଁ । ଆଉ ଶିକ୍ଷିତ ବୋହୂ ମିସେସ୍ ମହାପାତ୍ର ଯୋତା ପିନ୍ଧି ରୋଷେଇ ଘରକୁ ପଶିଛନ୍ତି । ରୋଷେଇ ଘରେ ଗୋବର ଲିପା ଦେଖି ବିରକ୍ତି ପ୍ରକାଶ କରିଛନ୍ତି— "ଗୋରୁଗୁହ ବବର୍ଚ୍ଚିଖାନାରେ ଢଳା ହୋଇଛି, ଜମିଦାର ଶୁଣି ଭାରି ଖପା । ମୁର୍ଖତା, ଅସଭ୍ୟତା, କୁସଂସ୍କାର ! ସେ ଘରେ ରୋଷେଇ ହେଲେ ଲେଡ଼ିଙ୍କୁ ଖାନା ରୁଚିବ ନାହିଁ, ବାନ୍ତି କରିପକାଇବେ" । ଆଉ "ଚାରିବୋତଲ ଫେନାଇଲ ଘରସାରା ଢଳାଗଲା" । ଏଠାରେ ମଧ୍ୟ ଉଲ୍ଲେଖନୀୟ ଯେ, "ଶିକ୍ଷିତ ଜମିଦାର ସନ୍ତାନ ପକ୍ଷରେ ପର ଅଧୀନରେ ଚାକିରି କରିବା ଉଚିତ ନୁହେଁ । ...ଯାହାର ଅଛି ଅଛି ଧନ ଜ୍ଞାନ ଅଧିକ, ଚାକିରି କଲେ ତା ଜୀବନେ ଧିକ ଧିକ" ଯାହା ରାଜୀବବାବୁଙ୍କ ମନକୁ ଲାଖିଯାଇଛି (*ସଭ୍ୟ ଜମିଦାର* ) । ଏହା କେବଳ ରାଜୀବଙ୍କ ମନକୁ ନୁହେଁ, ବରଂ ସେସମୟର ଜମିଦାର ଓ କୁଳୀନ ଗୋଷ୍ଠୀର ଶିକ୍ଷାପ୍ରତି ଉପେକ୍ଷାର ଆଖ୍ୟାନ ମାତ୍ର ? ଆମେ ଜାଣୁ, ଶିକ୍ଷା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିଥାଏ । ବ୍ୟକ୍ତି ତଥା ସାମାଜିକ ଜୀବନକୁ ଆଲୋକିତ, ଉନ୍ନତ ତଥା ସ୍ୱାଧୀନଚେତା କରିଥାଏ, ଅନ୍ୟାୟ, ଶୋଷଣ, ଅନ୍ଧବିଶ୍ୱାସ ବିରୋଧରେ ସାହସର ସହିତ ବିଚାର ରଖିବାକୁ ଅବସର ପ୍ରଦାନ କରିଥାଏ । ଅତଏବ, କଣ ପରମ୍ପରା ଆଳରେ ଏହି କୁଳୀନ ଓ ଜମିଦାର ଗୋଷ୍ଠୀଙ୍କ ସାମନ୍ତବାଦ ଓ ଶୋଷଣର ଧାରାକୁ ସୁରକ୍ଷିତ ରଖିବାକୁ ଯାଇ ଫକୀରମୋହନ ତାଙ୍କ ସମସ୍ତ ଗଳ୍ପରେ ଆନୁଷ୍ଠାନିକ ଶିକ୍ଷା ଓ ଶିକ୍ଷିତଙ୍କ ଉପରେ ତୀର୍ଯ୍ୟକ ଚିତ୍ର ପ୍ରଦାନ କରିଥିଲେ ?

କେତେକ ସତ୍ୟ ଘଟଣାକୁ ମଧ୍ୟ ଗଳ୍ପ ରୂପ ପ୍ରଦାନ କରିଛନ୍ତି ଫକୀରମୋହନ । ଏହି ପ୍ରସଙ୍ଗରେ ଆମେ ତାଙ୍କର *ବାଲେଶ୍ୱରୀ ପଙ୍ଗାଲୁଣ* ଗଳ୍ପ ଉଲ୍ଲେଖନୀୟ । ଏହି ଗଳ୍ପରେ ମହାଜନୀ କାରବାର ବ୍ୟତୀତ ଲୁଣ ପୋକ୍ତାନି ଆଉ କାରବାର ଭଳି ଧୂଆଁପତ୍ର, ହଳଦୀ କାରବାର କଥା ମଧ୍ୟ ବର୍ଣ୍ଣନା କରାଯାଇଛି । ଏହି ଲୁଣ କାରବାର ଚିତ୍ର *ପୁନର୍ମୂଷିକୋଭବ* ଗଳ୍ପରେ ମଧ୍ୟ ଆମେ ଦେଖିବାକୁ ପାଇଥାଉ । ସେହିପରି, *ବାଲେଶ୍ୱରୀ ରାହାଜାନୀ* ଗଳ୍ପରେ ଆମେ ଦେଖିବାକୁ ପାଇଥାଉ ସେସମୟରେ ମେଦିନୀପୁରଠାରୁ ଭଦ୍ରକ ରାଜମାର୍ଗରେ ଡକାୟତମାନଙ୍କ ରାହାଜାନୀର ଚିତ୍ର । ଯାହାକୁ ସରକାର ବାହାଦୂର ଦୀର୍ଘକାଳ ପର୍ଯ୍ୟନ୍ତ ବିଶେଷ ଚେଷ୍ଟା କରି ମଧ୍ୟ ଆୟତ୍ତ କରିବାରେ ସମର୍ଥ ହୋଇନଥିଲେ ।

ଫକୀରମୋହନଙ୍କ ଗଳ୍ପଗୁଡ଼ିକରେ ଅଳ୍ପ ବୟସରେ ଝିଅମାନଙ୍କୁ ବିବାହ ଦେବାର ସମକାଳୀନ ସମାଜରେ ପ୍ରଚଳିତ ପରମ୍ପରାର ଚିତ୍ର ମଧ୍ୟ ଦୁର୍ଲ୍ଲଭ ନୁହେଁ *ରେବତୀ* ଗଳ୍ପରେ ଶ୍ୟାମବନ୍ଧୁ ସ୍ୱଳ୍ପ ଶିକ୍ଷାଦୀକ୍ଷା ଥାଇ ମଧ୍ୟ ସ୍ୱଳ୍ପ ବୟସ୍କା ରେବତୀ ଓ ବାସୁଦେବର ବିବାହକୁ ନେଇ ଆଲୋଚନା କରନ୍ତି । ସେହିପରି, *ସୁନାବୋହୂ* ଗଳ୍ପରେ ସ୍ୱଳ୍ପ ବୟସ୍କା ଝିଅର ବିବାହ କଥା ଉଲ୍ଲେଖ କରନ୍ତି ଫକୀରମୋହନ— "...ବାର ପୂରି ତେର ପଶିବ । ତେଣିକି ଚଉଦ ଯୋଡ଼ା ବୟସ ପଶିଲେ ବିବାହ ମନା । ଏହି ବର୍ଷ ବିଭା ନହେଲେ ନୁହେଁ । କରଣ ଘର ବୋଲି ଝିଅଟାକୁ ଥୁବୁଡ଼ୀ କରି ଘରେ ରଖିବା, ସେହିଟା ନିହାତି ନିଲଜପଣିଆ କଥା" । ଏପରିକି, ଅପ୍ରାପ୍ତ ବୟସ୍କା ଝିଅକୁ ବିବାହ ଦେଲେ ଗୌରୀଦାନର ଫଳ ମିଳେ ଏଭଳି ଏକ ବିଶ୍ୱାସ ମଧ୍ୟ ଥିଲା "ବୁଢ଼ୀ ମରିବାର ଚାରି ମାସ ଆଗେ ମହାନ୍ତିଏ ସାତଶହ ଟଙ୍କା କନ୍ୟାସୁନାରେ ଷାଠିଏ ବର୍ଷର ଗୋଟିଏ ବୁଢ଼ାବରକୁ ସାଢ଼େ ଆଠ ବରଷର କନ୍ୟା ଟେକି ଦେଇ ଗୌରୀଦାନର ଫଳ ଷୋଳପଣ ଅର୍ଜି ଥିଲେ" (*ମାଧ ମହାନ୍ତିଙ୍କ କନ୍ୟାସୁନା* ) । ସେହିପରି, କନ୍ୟାକାଦାନର ଫଳ କଥା

ଉଲ୍ଲେଖ କରନ୍ତି— "୯ ବର୍ଷ ପୂରିଯାଉଛି, ଦଶବର୍ଷାକୁ କନ୍ୟକା ବିଭା ନଦେଲେ କନ୍ୟାଦାନର ଫଳ ନାହିଁ" (*ଅଧର୍ମ ବିତ୍ତ* ) । ଏଠାରେ ନିଶ୍ଚୟ ଉଲ୍ଲେଖନୀୟ ଯେ ଫକୀରମୋହନ ତାଙ୍କର କୌଣସି କାହାଣୀରେ ବାଲ୍ୟବିବାହ ପରମ୍ପରାର ଏହି ନକାରାତ୍ମକ ଦିଗ ଉପରେ ଆଖ୍ୟାନ ପ୍ରସ୍ତୁତ କରିନାହାନ୍ତି । ଯଦିଓ ଏହି ସମୟ ବେଳକୁ ବଙ୍ଗଳାରେ ବାଲ୍ୟ ବିବାହକୁ ନେଇ ରାଜା ରାମମୋହନ ରାୟ ଆନ୍ଦୋଳନ କରୁଥିଲେ (Collet, 1914) ।

ସାମାଜିକ ସମସ୍ୟାର ଉପସ୍ଥାପନା କରୁକରୁ ଫକୀରମୋହନ ସମକାଳୀନ ସମାଜର ଉପକୂଳ ଓଡ଼ିଶାର ବହୁ ସାଂସ୍କୃତିକ ଚିତ୍ର, ଦୈନନ୍ଦିନ ଜୀବନଧାରାର ବର୍ଣ୍ଣନା ମଧ୍ୟ କରିଛନ୍ତି । *ରେବତୀ* ଗଳ୍ପରେ ଆମେ ଦେଖୁ ଶ୍ୟାମବନ୍ଧୁ ସଞ୍ଜବେଳେ ପିଣ୍ଡାରେ 'କୃପାସିନ୍ଧୁ ବଦନ' ଗାଇବାର ଆଉ କେବେକେବେ ଭାଗବତ ପଢ଼ିବାର ଦୃଶ୍ୟ । ସଞ୍ଜବେଳେ ଏହି 'କୃପାସିନ୍ଧୁ ବଦନ' ଗାଇବାର ଦୃଶ୍ୟ ଆମେ ପୁଣି ଦେଖିବାକୁ ପାଉଥାଏ *ସୁନା ବୋହୂ* ଗଳ୍ପରେ; ସମାନ ଚିତ୍ର ଦେଖିବାକୁ ମିଳେ *ବଗୁଲା ବଗୁଲୀ* ଗଳ୍ପରେ— "ରାତିରେ ଚେମୀ ରନ୍ଧାବଢ଼ା କରୁଥିବାବେଳେ ସପ୍ନା ହରିଣୀସ୍ତୁତି, ଗଜସ୍ତୁତି ଗାଏ । ଭାଗବତ ବି ଢେର ପଦ ଶିଖିଛ, ଏଠୁ ସେଠୁ ଢେର ପଦ ଗାଏ । ଚେମୀ ପଢ଼ାପଢ଼ି ସରିଲେ, 'ଠାକୁର ହରି ଦୟାକର' କହି ହାତଯୋଡ଼ି ଭୂଇଁରେ ଢପଢପ କରି ତିନିଥର ମୁଣ୍ଡିଆ ମାରେ, ତା ବାଦ ସପ୍ନା ଗୋଡ଼ତଳେ ତିନି ଥର ଜୁହାର ହୋଇ ତା ପାଦରୁ ଧୂଳି ନେଇ ମୁଣ୍ଡରେ ମାରେ । ପ୍ରତିଦିନ ସଞ୍ଜବେଳେ ଏହିପରି କରେ" । ସେହିପରି, ଅତିଥି ସତ୍କାରର ଚିତ୍ର "...ଆରେ ଅଜାଙ୍କୁ ଗୋଡ଼ ଧୋଇବାକୁ ପାଣିଦେ ରେ । ଧାଇଁ ଯା ବଜାରରୁ ଜଳଖିଆ କିଣି ଆଣରେ" (*ଗାରୁଡ଼ି ମନ୍ତ୍ର* )। ସନ୍ତାନ ପ୍ରାପ୍ତି ପାଇଁ ତ୍ରିନାଥ ମେଳା, ସୁକୁଟୁନି ପୂଜା, ଗ୍ରାମଦେବତୀ ମାଜଣା ଆଦି ଆୟୋଜନ କରିବା (*ସଭ୍ୟ ଜମିଦାର* ), ଭୁଆସୁଣୀମାନଙ୍କ ଦିନଚର୍ଯ୍ୟାର ଚିତ୍ର— "ରୋଜ ସକାଳେ ବାଡ଼ିଆଡ଼େ ପୋଖରୀ ତୁଠରେ ଘଡ଼ିଏ ଯାଏ ବସି ଦାନ୍ତ ଘଷନ୍ତି, ଆଉ ଦୁଃଖସୁଖ କଥା, ହସଖୁସି କଥା, ରନ୍ଧାବଢ଼ା କଥା, ଘରକରଣା କଥା ହୁଅନ୍ତି" (*ସୁନା ବୋହୂ* ) । ଅନୁରୂପ, ସମକାଳୀନ ସମାଜରେ ବିବାହ, କନ୍ୟା ଦେଖା, ବାହାଘର, ବୋହୂ ଓ ବୋହୂର ଚାଲିଚଳଣକୁ ନେଇ ବିଭିନ୍ନ ଚର୍ଚ୍ଚାର ଚିତ୍ର ଦେଖିବାକୁ ପାଇଥାଉ *ଅଧର୍ମ ବିତ୍ତ, ଗାରୁଡ଼ି ମନ୍ତ୍ର, ସଭ୍ୟ ଜମିଦାର, ସୁନା ବୋହୂ,* ଓ *ମାଧ ମହାନ୍ତିଙ୍କ କନ୍ୟାସୁନା* ପ୍ରଭୃତି ଗଳ୍ପରେ । ବିବାହିତ ଝିଅ ଶାଶୁଘରେ କିପରି ଚାଲିବ, କଥା କହିବ ତାହାର ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖନୀୟ— "ଶାଶୁଘରକୁ ଯିବାବେଳେ ଝିଅ କାହାକୁ ଧରି କି କଥା କହି କିପରି ବାହୁନିବ— ଶାଶୁଘରେ କେତେ ଓଢ଼ଣା ପକାଇ କିପରି ନଇଁ ନଇଁ ଚାଲିବ, କିପରି ଚୁ— ଚୁ କଥା କହିବ..." । ସେହିପରି, ଜମିଦାରୀ ଓ ମହନ୍ତ ସଂସ୍କୃତି କିପରି ଅୟସ-ବିଳାସବ୍ୟସନ, ନିଶାସେବନ ଭିତରେ ବୁଡ଼ି ରହିଥିଲା ତାହାର ଚିତ୍ର ମଧ୍ୟ *ପେଟେଣ୍ଟ ମେଡ଼ିଶିନ୍* ସହିତ *ଅଧର୍ମ ବିତ୍ତ, ସଭ୍ୟ ଜମିଦାର,* ଓ *ଧୂଳିଆ ବାବା* ଆଦି ଗଳ୍ପଗୁଡ଼ିକରେ ଦେଖିବାକୁ ମିଳେ ।

ଫକୀରମୋହନଙ୍କ ଗଳ୍ପରେ ବିଭିନ୍ନ ଆଖ୍ୟାନ ପ୍ରସଙ୍ଗରେ ଓଡ଼ିଆ ପରିବାରର ଖାଦ୍ୟ ସଂସ୍କୃତିର ଚିତ୍ର ମଧ୍ୟ ଦୁର୍ଲ୍ଲଭ ନୁହେଁ ଯେପରି— କାଣ୍ଡିଆ କୁଣ୍ଡା ମିଶା ସେରେ ପୋଡ଼ପିଠା, ଅକାଣ୍ଡିଆ ବରଗଡ଼ା ଚାଉଳ, ...କାଙ୍କଡ଼, ଡଙ୍କ, ମଟକା, ଫୁଟଗୁଡ଼ୀ । ...କଡ଼ଫୁଟା ପେଜୁଆ ଅନ୍ନ, ବିରିଡାଲି, ଶାଗ ମାମଡ଼ି, ନିରୁତା ମଇଁଷି ଦୁଧ (*ରାଣ୍ଡିପୁଅ ଅନନ୍ତା* ), ମୁଢ଼ି (*ବିରେଇ ବିଶାଳ* ), ଚାକୁନ୍ଦା(ଣ୍ଡା) ଶାଗ ଖରଡ଼ା, କଂକଡ଼ାପୋଡ଼ା, ଚେଙ୍ଗ କୁଟୁରୀ ଅଣ, ଉଖୁଡ଼ା, ପିତା ଶୁଖୁଆ, କାନଶିରି ଶାଗ (*ବଗଲା ବଗୁଲୀ* ), ପୋଡ଼ପିଠା, ମଦରଙ୍ଗା, ସୁନୁସୁନିଆ, ହିଡ଼ିମିଚା, କଳମ୍ବ, ପିତା ଶାଗ (*ମାଧ ମହାନ୍ତିଙ୍କ କନ୍ୟାସୁନା* ) ।

ଦୈନନ୍ଦିନ ଜୀବନର ଆଦାନପ୍ରଦାନରେ ସମକାଳରେ ଯେଉଁ ଢଗ ଦେବାର ତଥା ପଦଯୋଡ଼ି ପଦେ-ଦି'ପଦ କହିବାର, ପ୍ରବାଦ-ପ୍ରବଚନର ବ୍ୟବହାରର ପରମ୍ପରା ଥିଲା, ଫକୀରମୋହନ ତାଙ୍କର ଗଳ୍ପ କଥନରେ ମଧ୍ୟ ସେହି ପରମ୍ପରାର ପ୍ରଭାବ ଦେଖାଯାଏ । ଏଠାରେ ଉଦାହଣସ୍ୱରୂପ— "ଧନ ଦଉଲତ ନାହିଁ ବିଚାର / ଜାତି କଥାଟା ଆଗ ପଚାର" (*ରେବତୀ* ), "ମହିଷି ମଣେ ନୁହା ଚଣାଖିଆ / ଘୁଷୁରୀ ମଣେ ଧାଇ", "ହସି ପଶେ— ଉଇଁ ନଦିଶେ / ବାପ ବୋଲେ ପୁତା ନିଶ୍ଚେ ବରଷେ" (*ରାଣ୍ଡିପୁଅ ଅନନ୍ତା* ), "ଆପେ ଚଷିବୁ ପୂରା ଚାଷ / ଛଡା ଯୋତା ଅଧା ଚାଷ, ମୂଲିଆ ଚାଷ ଫସରଫାସ" (*ବିରେଇ ବିଶାଳ* ), "ହଳଦି ମଖାମଖି, ନାରାୟଣ ଗଡ଼ ପାର ହେଲେ କୁଟୁମ୍ବ ଦେଖାଦେଖି" (*ବାଲେଶ୍ୱରୀ ରାହାଜାନୀ* ), "ବୁଢ଼ା ବରେ ଝିଅ ବିକେ ଯେ ଲୋକ / ସେ ଲୋକ ମୁଣ୍ଡରେ ପଡ଼ଇ ପୋକ", "ଅରଜି ଛଞ୍ଚି କୃପଣ ମରେ / ଗୁଡ଼ ମାଠିଆ ମାଛୁଆ ମାରେ" (*ମାଧ ମହାନ୍ତିଙ୍କ କନ୍ୟାସୁନା* ), "ଲୋଭ ନକରିବୁ ପରଧନେ— ମିଛ ନକହିବୁ କଦାଚନେ", "ଡର କାହାକୁ ଭୟ କାହାକୁ, ଠାକୁରେ ଅଛନ୍ତି ଚଉବାହାକୁ", "ଅଧର୍ମ ବିତ୍ତ, ବଢ଼େ ବହୁତ ଯିବାବେଳେ ଯାଏ ମୂଳ ସହିତ" (*ଅଧର୍ମ ବିତ୍ତ, ପୁନର୍ମୂଷିକୋଭବ* )", "ମରଦ୍‌କି ବାତ୍, ହାତୀକା ଦାଁତ୍" (*ପେଟେଣ୍ଟ ମେଡ଼ିଶିନ୍* ), "ଯୋଗୀକା ରୋଗୀକା ଭୋଗୀକା ନିଶାନ / ଆଁଖସେ ଜାନ ଅଉର ଆଁଖସେ ପଇଛାନ" (*ଗାରୁଡ଼ି ମନ୍ତ୍ର* ) ଆଦି ଏଠାରେ ଉଲ୍ଲେଖ କରାଯାଇପାରେ ।

ଫକୀରମୋହନଙ୍କ ଗଳ୍ପଗୁଡ଼ିକରେ ସମକାଳୀନ ଜନଜୀବନର ଏଭଳି ବହୁ ଚିତ୍ର ଆମେ ଦେଖୁ । ଫକୀରମୋହନ ଏହି ଗଳ୍ପଗୁଡ଼ିକ ଲେଖିଲାବେଳେ ଆଜି ଭଳି ଏକ ସୁଦୃଢ଼ ଆଖ୍ୟାନ ପରମ୍ପରା ନଥିଲା । ଏବଂ, ନିକଟ ଅତୀତରେ ସାହିତ୍ୟ ରଚନାର ପରମ୍ପରା ଥିଲା ସଂସ୍କୃତ ସାହିତ୍ୟ ଅଭିମୁଖୀ । ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସଙ୍କ ପ୍ରାୟ ରଚନା ଅନୁସୃଜନ ହେଲେ ମଧ୍ୟ ସେଗୁଡ଼ିକରେ ଆମେ ଯେପରି ସମକାଳୀନ ଜନଜୀବନର ସାମାଜିକ-ସାଂସ୍କୃତିକ ଚିତ୍ରର ଆଖ୍ୟାନ ପରମ୍ପରା ଦେଖିବାକୁ ପାଇଥାଉ ସେହି ପରମ୍ପରାର ପୁନରାୟନ ହୁଏ ଫକୀରମୋହନଙ୍କ ସାହିତ୍ୟରେ । ଫକୀରମୋହନ ସମକାଳର ଜନତାର ଭାଷାରେ ଯେଉଁ ଆଖ୍ୟାନ ନିର୍ମାଣ କଲେ ତାହାକୁ ଏକ 'ସାହିତ୍ୟିକ ବିସ୍ମୟ' ଓ 'ଅସାଧାରଣ ଦୁଃସାହସିକତା' (ମାନସିଂହ ୨୦୧୧, ୨୧୩) କୁହାଯାଇପାରେ । "ସମାଜରେ ଥିବା କପଟ, ଶଠତା ଓ ଉଭଟତାକୁ ଥଟ୍ଟାରେ ଥଟ୍ଟାରେ ଓଟାରି ବାହାର କରିବା ଦିଗରେ ସେନାପତିଙ୍କର ଏକ ବିସ୍ମୟକର କ୍ଷମତା ଥିଲା" (ମାନସିଂହ ୨୦୧୧, ୨୧୪) । ଫକୀରମୋହନ ଆଜି ମଧ୍ୟ ବିଷୟବସ୍ତୁ ଆଉ ବର୍ଣ୍ଣନାଶୈଳୀ ତଥା ଭାଷା ବ୍ୟବହାର ଦୃଷ୍ଟିରୁ ଯେପରି ପ୍ରାସଙ୍ଗିକ ଓ ଅନୁକରଣୀୟ ମନେହୁଅନ୍ତି, ସେହିପରି ପାଠକୀୟ ଆଦୃତିର ଅପେକ୍ଷା ରଖନ୍ତି ତେବେ, ନବଜାଗରଣ ପ୍ରସଙ୍ଗରେ ତାଙ୍କର ଆଖ୍ୟାନ ସଚେତନ ପାଠକ ମନରେ, ପାଠର ସାମାଜିକ-ସାଂସ୍କୃତିକ ପରିଚର୍ଚ୍ଚାରେ ଅନେକ ପ୍ରଶ୍ନ ଉପସ୍ଥାପିତ କରିଥାଏ ।

## References


ବେହେରା, କୃଷ୍ଣଚରଣ, ଦେବେନ୍ଦ୍ର କୁମାର ଦାଶ । (2000) ସଂପାଦିତ । ଫକୀରମୋହନ ଗ୍ରନ୍ଥାବଳୀ । ପ୍ରଥମ ଖଣ୍ଡ । କଟକ: ଗ୍ରନ୍ଥ ମନ୍ଦିର ।

ବେହେରା, କୃଷ୍ଣଚରଣ, ଦେବେନ୍ଦ୍ର କୁମାର ଦାଶ, (2009)। | ସଂପାଦିତ । ଫକୀରମୋହନ ଗ୍ରନ୍ଥାବଳୀ । ଦ୍ୱିତୀୟ ଖଣ୍ଡ । 2000 କଟକ: ଗ୍ରନ୍ଥ ମନ୍ଦିର ।

ଦାଶ, ଦେବେନ୍ଦ୍ର କୁମାର, (2008)। ସଂପାଦିତ । ଫକୀରମୋହନ ଗ୍ରନ୍ଥାବଳୀ । ତୃତୀୟ ଖଣ୍ଡ । କଟକ: ଗ୍ରନ୍ଥ ମନ୍ଦିର ।

ମାନସିଂହ, ମାୟାଧର, (2008) । ଓଡ଼ିଆ ସାହିତ୍ୟର ଇତିହାସ । ୧୯୬୭ । କଟକ: କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର୍, ।

ସେନାପତି, ଫକୀରମୋହନ (2009) । ଗଳ୍ପସ୍ୱଳ୍ପ । ୧୯୧୨ । କଟକ: ବିଦ୍ୟାପୁରୀ ।

ପଟ୍ଟନାୟକ, କଇଲାଶ (1998) । ସଂପାଦକ । ଫକୀରମୋହନଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ ।

ପଟ୍ଟନାୟକ, କଇଲାଶ, (1998)। ସଂପାଦକ । ଫକୀରମୋହନଙ୍କ ଗଳ୍ପମାଳା । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ।

ପ୍ରଧାନ, କୃଷ୍ଣଚନ୍ଦ୍ର ଓ ଲଲାଟେନ୍ଦୁ ଦାସମହାପାତ୍ର, (2003) । ସଂପାଦିତ । ଫକୀରମୋହନ ତର୍କ ବିତର୍କ । ଫକୀରମୋହନଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ । କଟକ: ବିଦ୍ୟାପୁରୀ ।

Carter, R., & Simpson, P. (Eds.). (1989). Language, Discourse and Literature: An Introductory Reader in Discourse Stylistics (1st ed.). Routledge. https://doi.org/10.4324/9780203108789

Collet, S.D., (1914) The Life and Letters of Raja Rammohan Roy. 2nd ed. Hema Chandra Sarkar. Calcutta. https://archive.org/details/lifelettersofraj00collrich

Cook, G., (1994) Discourse and Literature: The Interplay of Form and Mind, Oxford University Press, Oxford.

Darah, G.G., (1987) The Punch, The Punch Publishers, Lagos.

Eichenbaum, B., (1971) "The Theory of the Formal Method". 1926. trans. I. R. Titunik. Readings in Russian Poetics: Formalist and Structuralist Views. eds. Ladislav Matejka, and Krystyna Pomorska, MIT Press, Cambridge, MA. 3–37.

Fish, S., (1980) "Literature in the Reader: Affective Stylistics". Is there a Text in this Class? The Authority of Interpretive Communities, 1970. Cambridge, MA: Harvard University Press, 21-67.

Fowler, R., (1982) Literature as Social Discourse: The Practice of Linguistic Criticism, 1981, Indiana University Press, Bloomington.

Freund, E., (1987) The Return of the Reader: Reader-Response Criticism Methuen, London.

Hirsch, E.D., (1967) Validity in Interpretation, Yale University Press, London.

Indian Statutory Commission, (1930) Review of the Growth of Education in British India, Government India Press, Delhi.

Nurullah, S., Naik, P.J., (1943) History of Education in India during British Rule, Macmillan and Company, Delhi. Accessed from: https://dspace.gipe.ac.in/xmlui/handle/10973/26867

Ogundokun, S.A., (2014) Literature as a Reflection on Socio-political Realities: An Examination of Three Nigerian Writers, Journal of Arts and Humanities, 3(1), 167-172.

Pandey, R., (2016) Phule and Gandhi on Education: A Comparative Analysis of their Social Ideologies. Contemporary Voice of Dalit, 8(1) 14–23. https://doi.org/10.1177%2F2455328X16628772

Said, E.W., (1980) Literature and Society, The Johns Hopkins University Press, 1986.

Streisand, B., (1995) The Artist as Citizen. http://www.barbrastreisand.com/news/artist-citizen/

Tierney, R.J., Jill LaZansky, (1983) Author's Intensions and Readers' Interpretations. Centre for the Study of Reading, Technical Report No. 276. Michigan State University, Urbana: University of Illinois, 2007.

Wimsatt, W.K., Beardsley, M.C., (1946) The Intentional Fallacy, The Sewanee Review, 54(3), 468–488.

Winner, E., (1982) Invented Worlds: The Psychology of the Arts, Harvard University Press, Cambridge.

Zgaga, P., (2005) The Importance of Education in Social Reconstruction, Centre for Educational Policy Studies, Ljublijana.

## Acknowledgment

None

## Funding

This study was not funded by any grant.


## Conflict of interest

The Author declares that they have no actual or potential conflict of interest, including financial, personal, or other relationships with people or organizations that could have inappropriately influenced this work.


## About the License

© The Author 2022. The text of this article is open access and licensed under a Creative Commons Attribution 4.0 International License



## Cite this Article

Sanjaya Kumar Bag, Phakirmohan's Short Stories: A Study in the context of renaissance, Indian Journal of Multilingual Research and Development, Vol 3, Iss 2 (2022) 36-43. https://doi.org/10.54392/ijmrd2224